## ଆଦିବାସୀ ମେଳା-୨୦୧୬ ର ଷଷ୍ଠ ସନ୍ଧ୍ୟା

ଆଦିବାସୀ ମେଳା-୨୦୧୬ ର ଆଜିଥିଲା ଷଷ୍ଠ ସନ୍ଧ୍ୟା । ରବିବାର ହେତୁ ଆଜିର ଗହଳି ଅନ୍ୟ ଦିନଠାରୁ ଯଥେଷ୍ଟ ବୃଦ୍ଧି ପାଇଥିଲା । ମେଳାର କଳା ଓ କଳାବସ୍ତୁ ପ୍ରାଙ୍ଗଣରେ ଢୋକରା ଶିଳ୍ପ ଷ୍ଟଲ୍ ରେ ବହୁ ଗରାଖଙ୍କ ଭିଡ ଦେଖିବାକୁ ମିଳିଥିଲା । ଢୋକରା ଶିଳ୍ପ ବର୍ତ୍ତମାନ ଡ୍ରଇଂରୁମ୍ ସଂସ୍କୃତି ହୋଇସାରିଛି । ଲୋକଙ୍କର ଆକର୍ଷଣ ମଧ୍ୟ ଏହି ଦୃଷ୍ଟିରୁ ଢୋକରା ପ୍ରତି ରହିଛି । ଏହି କାରିଗରୀ ଓଡିଶାରେ ମୁଖ୍ୟତଃ କନ୍ଧମାଳ ଜିଲ୍ଲାର ତୁମିଡିବନ୍ଧ ବ୍ଲକ ଅଂଚଳ, ମୟୁରଭଞ୍ଜ ଜିଲ୍ଲାର କୁଳିଅଣା ଅଂଚଳ ତଥା ରାୟଗଡା ଜିଲ୍ଲାର ବିଷମକଟକ ଅଂଚଳରେ ପ୍ରଚଳିତ ରହିଛି । ଯାହା ଜନଜାତି ପରମ୍ପରା ସହ ଓତପ୍ରୋତ ଜଡିତ । ଢେଙ୍କାନାଳ ଜିଲ୍ଲାରେ ଢୋକରା ଶିଳ୍ପକୁ ବ୍ୟବସାୟିକ ଦୃଷ୍ଟିକୋଣରୁ ପେଷା ହିସାବରେ ଗ୍ରହଣ କରି ବିପଣନ କରାଉଛନ୍ତି ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ । ତୁଡୁଡିବନ୍ଧ ଅଂଚଳରେ ନିର୍ମିତ ହେଉଥିବା ଢୋକରା ଦ୍ରବ୍ୟ କନ୍ଧମାନଙ୍କର ବିବାହ ସମୟର ମୁଖ୍ୟତଃ କନ୍ୟା ଉପହାର ଦେବା ପାଇଁ ଉଦ୍ଦିଷ୍ଟ ହୋଇଥାଏ । ଏସବୁ ବିଭିନ୍ନ ପୂଜା ଉପଚାରରେ ବ୍ୟବହୃତ ହୋଇଥାଏ (Votive) ବସ୍ତୁରୂପରେ । ଏକ ବିଷୟର ପ୍ରତିକୃତି, କାରିଗର ପ୍ରଥମେ ମହମରେ ନିର୍ମାଣ କରି ତା' ଉପରେ ଉଇ ମାଟିର ଏକ ଆସ୍ତରଣ ଦେଇ ଛାଞ୍ଚ ପ୍ରସ୍ତୁତ କରି ଶୁଖାଇ ଦିଆଯାଏ । ଢୋକରା କାଷ୍ଟିଂ ପାଇଁ ଆବଶ୍ୟକ କଞ୍ଚାମାଲ୍ ପିତଳକୁ ନିଆଁରେ ତରଳାଯାଇ ଛାଞ୍ଚ ଭିତରେ ଢଳାଯାଏ । ଏହାପରେ ପ୍ରସ୍ତୁତ ଢୋକରାର ଛାଞ୍ଚକୁ ଭାଙ୍ଗି କଢ଼ାଯାଏ ଏବଂ ଖାଦ ସଫା ହେଲାପରେ ବ୍ୟବହାର ଉପଯୋଗୀ କରାଯାଏ । ଢୋକରା ଜିନିଷଗୁଡିକ ପୂର୍ବେ ସେମାନଙ୍କ ପୂଜା ଉପଚାର ରୂପରେ ତଥା କେତେକାଂଶରେ ଶସ୍ୟ ମାପିବା ଉଦ୍ଦେଶ୍ୟରେ ନିର୍ମିତ ହେଉଥିବାବେଳେ ଏବେ ତାହା ସଂଗ୍ରହାଳୟ ବସ୍ତୁ ହିସାବରେ ଭିନ୍ନ ଭିନ୍ନ ଡିଜାଇନ୍‌ରେ ଉପଲବ୍ଧ ହେବାରେ ଲାଗିଛି । ପ୍ରଶ୍ନ ଉଠୁଛି ପୂର୍ବରୁ ଯେଉଁ ପାରମ୍ପାରିକ କାରିଗର ଏହାକୁ ନିର୍ମାଣ କରି ଜୀବନ ନିର୍ବାହ କରୁଥିଲେ, ସେମାନଙ୍କୁ ଅଣଦେଖା କରାଯାଉନାହିଁ ତ ? ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗରେ ବ୍ୟବସାୟୀଗୋଷ୍ଠୀ ଦ୍ୱାର । ଭିନ୍ନ ଭିନ୍ନ ସୌଖିନ ଦ୍ରବ୍ୟ ସହଜରେ ବଜାରରେ ଉପଲବ୍ଧ ହେବାରେ ଲାଗିଛି । ଏହା ଫଳରେ ପାରମ୍ପାରିକ କାରିଗରଙ୍କ ଜୀବିକା ନିର୍ବାହ କଷ୍ଟ ସାଧ୍ୟ ହେବାରେ ଲାଗିଛି ।

ଆଦିବାସୀ ମେଳାରେ କେତେକ କାରିଗର ସେମାନଙ୍କ କଳା ପ୍ରଦର୍ଶନ କରି ଆସୁଛନ୍ତି ପରମ୍ପରାକୁ ଧରି ଏ ପର୍ଯ୍ୟନ୍ତ ଜୀବନ ଜୀଇବାରେ ଲାଗିଛନ୍ତି ।

ସନ୍ଧ୍ୟାରେ ଅନୁଷ୍ଠିତ ନୃତ୍ୟ ସମାରୋହର ସ୍ୱାଦ ମଧ୍ୟ ଥିଲା ଭିନ୍ନ । ପାରମ୍ପରିକ ଓ ମିଶ୍ରିତ ଆଦିବାସୀ ନୃତ୍ୟର ସମାରୋହ ଦର୍ଶକମାନଙ୍କୁ ଭରପୂର ଆନନ୍ଦ ଦେଇଥିଲା । ପାରମ୍ପରିକ ନୃତ୍ୟରେ ବରିଷ୍ଠମାନେ ସାମିଲ ହୋଇଥିବା ବେଳେ ଯୁବ ବର୍ଗ ପାରମ୍ପରିକ ନୃତ୍ୟ ସହ ଆଧୁନିକତାର ସୁନ୍ଦର ସମନ୍ୱୟ କରାଇ ଦର୍ଶକ ମାନଙ୍କର ହୃଦୟ ଜିଣିଥିଲେ । ଆଜି ସନ୍ଧ୍ୟାରେ ମୁଣ୍ଡାରୀ, ଭୂୟାଁ, ହୋ, ମୁଣ୍ଡା ସମ୍ପ୍ରଦାୟର ଉଭୟ ପାରମ୍ପରିକ ଓ ମିଶ୍ରିତ ଲୋକନୃତ୍ୟ ପରିବେଶଷଣ କରାଯାଇ ଭରପୁର ଦର୍ଶକଙ୍କ ମନୋରଂଜନ କରାଯାଇଥିଲା ।